# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**05th January - 2025**

**************************************

*Desk*

## ମାଧୋସିଂ ହାତଖର୍ଚ୍ଚ ଯୋଜନା

ସହିଦ ମାଧୋସିଂ ହାତଖର୍ଚ୍ଚ ଯୋଜନାର ଆଜି ଶୁଭାରମ୍ଭ ହେଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଉଦ୍‌ଘାଟନ କରିବେ । ଜନଜାତି ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ୍ ଖାତାକୁ ଚଳିତ ଶିକ୍ଷାବର୍ଷରେ ଏକକାଳୀନ ୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ।

*HS*

## ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ

ରାଜ୍ୟର ୭ ଜିଲ୍ଲାକୁ ନେଇ ଦକ୍ଷିଣ ଓଡିଶା ବିକାଶ ପରିଷଦ ଗଠନ କରାଯିବ । ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପରିଷଦ ଟାସ୍କଫୋର୍ସର ପ୍ରଥମ ବୈଠକରେ ଏନେଇ ଆଲୋଚନା ହୋଇଛି । ସେହି ଜିଲ୍ଲାଗୁଡ଼ିକ ହେଉଛି - କୋରାପୁଟ, ମାଲକାନଗିରି, ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା ଓ ନବରଙ୍ଗପୁର । ଏହି ଜିଲ୍ଲାଗୁଡ଼ିକର ସମସ୍ତ ବ୍ଲକକୁ ପରିଷଦରେ ସାମିଲ କରିବା ପାଇଁ ଏହି ବୈଠକରେ ନିଷ୍ପତ୍ତି ହୋଇଛି ।

*Desk*

# ଆଦିବାସୀ ମେଳା

ରାଜ୍ୟସ୍ତରୀୟ ଆଦିବାସୀ ମେଳା ଆଜିଠାରୁ ଭୁବନେଶ୍ୱର ୟୁନିଟ୍-୩ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଆରମ୍ଭ ହେଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଅପରାହ୍ଣରେ ଏହାର ଉଦ୍‌ଘାଟନ କରିବେ । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ମେଳା ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ ।

*Desk*

# ମୁଖ୍ୟମନ୍ତ୍ରୀ - ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତାକାଲି ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଭୁବନେଶ୍ୱରସ୍ଥିତ ୟୁନି-୫ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

***Kalahandi/R***

# ଟ୍ରାଫିକ୍ ନିୟମ

ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଣିଜ୍ୟ, ପରିବହନ ତଥା ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୁତି ଭୂଷଣ ଜେନା ନିର୍ଦ୍ଦେଶ ଦେଇଛନ୍ତି । କଳାହାଣ୍ଡି ଜିଲ୍ଲା ଗସ୍ତ ଅବସରରେ ଗତକାଲି ଆଞ୍ଚଳିକ ପରିବହନ ବିଭାଗର ସ୍ୱୟଂକ୍ରିୟ ଯାନ ଚାଳନା ପରୀକ୍ଷଣ ଉଦ୍‌ଘାଟନ କରିବା ଅବସରରେ ସେ ଏହା କହିଛନ୍ତି । ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର ସ୍ଥିତି ନେଇ ମନ୍ତ୍ରୀ ଶ୍ରୀ ଜେନା ସମୀକ୍ଷା କରିଛନ୍ତି ।

***Desk***

# ଧର୍ମେନ୍ଦ୍ର - ଲୋକ ମହୋତ୍ସବ

ସମ୍ବଲପୁର ସହରରେ ସ୍ୱଚ୍ଛତା, ପାନୀୟଜଳ, ସ୍ୱରେଜ୍ ଏବଂ ଡ୍ରେନେଜ୍ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବାପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ସମ୍ବଲପୁର ଲୋକ ମହୋତ୍ସବ-୨୦୨୫ର ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ ସେ କହିଛନ୍ତି, ସମ୍ବଲପୁରର ସାମାଜିକ ଜୀବନଜୀବନ’ ଲୋକକଳା, ଲୋକସଙ୍ଗୀତ ଏବଂ ଲୋକଚରିତ୍ର ଉପରେ ଅଧାରିତ । ରଙ୍ଗବତୀ ସଙ୍ଗୀତ ସମ୍ବଲପୁର ଲୋକସଂସ୍କୃତିର ଏକ ପରିଚୟ ବୋଲି ସେ କହିଛନ୍ତି । ଲୋକ ପରମ୍ପରାର

ଶ୍ରୀବୃଦ୍ଧି କରିବା ଉପରେ ମନ୍ତ୍ରୀ ଶ୍ରୀ ପ୍ରଧାନ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।

***Voice** :..........*

***HS***

## ଅବଢ଼ା

ପୁରୀ ଶ୍ରୀମନ୍ଦିରରେ ଜୈବିକ ପଦ୍ଧତିରେ ଉତ୍ପାଦିତ ହେଉଥିବା ଚାଉଳରେ ଅବଢ଼ା ପ୍ରସ୍ତୁତ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ତଥା ପ୍ରମୁଖ କୃଷି ସଚିବ ଅରବିନ୍ଦ ପାଢୀ ସୂଚନା ଦେଇଛନ୍ତି । ସେ କହିଛନ୍ତି, ରାଜ୍ୟରେ ଜୈବିକ ପଦ୍ଧତି ଚାଷ ପାଇଁ ସରକାର ପ୍ରୋତ୍ସାହନ ଦେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଏଥିପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଶ୍ରୀ ପାଢ଼ୀ କହିଛନ୍ତି ।

***Desk***

## ପଥ ଉତ୍ସବ

ଭୁବନେଶ୍ୱର ଏବଂ କଟକରେ ଆଜିଠାରୁ ପଥ ଉତ୍ସବ ଆରମ୍ଭ ହୋଇଛି । ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ୍ ଛକଠାରୁ ରାମମନ୍ଦିର ମଧ୍ୟରେ ଏହି ପଥ ଉତ୍ସବ ଅନୁଷ୍ଠିତ ହେଉଥିବାବେଳେ କଟକରେ ଗଡ଼ଖାଇ ଗେଟ୍‌ଠାରୁ ନ୍ୟାୟ ସଂଗ୍ରହାଳୟ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

*Rayagada/R*

# ଚଇତି ଲୋକ ମହୋତ୍ସବ

ରାୟଗଡ଼ା ଜିଲ୍ଲାର ଗଣପର୍ବ ଭାବେ ପରିଚିତ ଚଇତି ଲୋକ ମହୋତ୍ସବ ଓ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଗତକାଲି ଉଦ୍‌ଯାପିତ ହୋଇଛି । ସାଂସଦ ସପ୍ତଗିରି ଉଲ୍କା ଉଦ୍‌ଯାପନୀ ସମାରୋହରେ ଯୋଗ ଦେଇଥିଲେ । ରାୟଗଡ଼ା ଚଇତି କମିଟିଦ୍ୱାରା ଆୟୋଜିତ ଏହି ସମାରୋହରେ ଚଳିତ ବର୍ଷ ପଲ୍ଲିଶ୍ରୀ ମେଳାରେ ୩୫୦ରୁ ଅଧିକ ଷ୍ଟଲ୍ ଖୋଲାଯାଇଥିଲା । ଉଦ୍‌ଯାପନୀ ସମାରୋହରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

***Desk***

# ଫୁଟ୍‌ବଲ୍

ଇଣ୍ଡିଆନ୍ ସୁପର ଲିଗ୍ ଆଇ.ଏସ୍.ଏଲ୍.-୨୦୨୪-୨୫ ପ୍ରତିଯୋଗିତାରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ଏଫ୍.ସି. ପରାସ୍ତ ହୋଇଛି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଏଫ୍.ସି. ଗୋଆ ଓଡ଼ିଶା ଏଫ୍.ସି.କୁ ୪-୨ ଗୋଲ୍‌ରେ ପରାସ୍ତ କରିଛି ।

*Desk*

# ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାରେ ଶ୍ରାଚି ରାଢ ବେଙ୍ଗଲ ଟାଇଗର୍ସ କ୍ରମାଗତ ତୃତୀୟ ବିଜୟ ହାସଲ କରିଛି । ରାଉରକେଲାର ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ପୁରୁଷ ବର୍ଗର ଏହି ମ୍ୟାଚ୍‌ରେ ବେଙ୍ଗଲ ଟାଇଗର୍ସ' ଦିଲ୍ଲୀ ଏସ୍.ଜି. ପାଇପର୍ସକୁ ୪-୧ ଗୋଲ୍‌ରେ ପରାସ୍ତ କରିଛି । ଏହି ବିଜୟ ସହ ବେଙ୍ଗଲ୍ ଟାଇଗର୍ସ ଖେଳିଥିବା ୩ଟିଯାକ ମ୍ୟାଚ୍‌ରେ ବିଜୟ ହାସଲ କରି ୯ ପଏଣ୍ଟ ସହ ତାଲିକାର ଶୀର୍ଷସ୍ଥାନରେ ରହିଛି ।

ଅନ୍ୟ ଏକ ମ୍ୟାଚ୍‌ରେ ଗୋନାସିକା ହକି ଦଳ ହାଇଦ୍ରାବାଦ ତୋଫାନ୍ସ ବିପକ୍ଷରେ ୩-୧ ଗୋଲ୍‌ରେ ବିଜୟୀ ହୋଇଛି । ଆଜି ସୁର୍‌ମା ହକି କ୍ଲବ୍ ଏବଂ କଳିଙ୍ଗ ଲାନ୍‌ସର୍ସ ମଧ୍ୟରେ ମୁକାବିଲା ହେବାକୁ ଥିବାବେଳେ ଦ୍ୱିତୀୟ ମ୍ୟାଚ୍‌ରେ ତାମିଲ୍‌ନାଡୁ ଡ୍ରାଗନ୍ସ ଏବଂ ୟୁପି ରୁଦ୍ରସ୍ ପରସ୍ପରକୁ ଭେଟିବେ ।

*****